ରାଜସ୍ଥାନ ରାଜ୍ୟ

ବନାମ

ରାମ ନାରାୟଣ ଏବଂ ଅନ୍ୟମାନେ

ଜାନୁଆରୀ 23, 1996

[କେ. ରାମାସ୍ୱାମୀ, ଏସ୍. ସାଘିର ଅହମ୍ମଦ ଏବଂ
ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିବୃନ୍ଦ]

*ଦଣ୍ଡ ସଂହିତା, 1860:*

*ଧାରା 342, 361, 366, 376 - ନାବାଳିକା ଝିଅ - ଅନୁଚିତ ଭାବରେ ବନ୍ଦୀ କରି ରଖିବା ଏବଂ ବଳାତ୍କାର - ବିଚାର - ସମସ୍ତ ତିନି ଜଣ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଥିଲେ ଏବଂ ଦଣ୍ଡିତ ହୋଇଥିଲେ - ଉଚ୍ଚ ନ୍ୟାୟାଳୟ ସେମାନଙ୍କ ଦଣ୍ଡାଦେଶକୁ ସେମାନେ ଭୋଗିସାରିଥିବା ଅବଧି ପର୍ଯ୍ୟନ୍ତ ହ୍ରାସ କଲେ - ଅପିଲରେ, ନିର୍ଣ୍ଣୟ ହେଲା ପୀଡିତା ନାବାଳିକା ହୋଇଥିବାରୁ, ସମ୍ମତିର ପ୍ରଶ୍ନ ଉଠୁନାହିଁ- ପ୍ରଥମ ଅଭିଯୁକ୍ତଙ୍କ ଦ୍ୱାରା ବଳାତ୍କାର ପ୍ରମାଣିତ ହେଲା - କେବଳ ପ୍ରଥମ ଅଭିଯୁକ୍ତ ଦ୍ୱାରା ପୀଡ଼ିତା ବଳାତ୍କାର ଅଭିଯୋଗ କରିଥିବା କାରଣରୁ ଅଭିଯୁକ୍ତକୁ ମିଥ୍ୟା ଭାବରେ ଫସାଯାଇ ନାହିଁ - ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ବାତିଲ କରାଗଲା – ପ୍ରଥମ ଅଭିଯୁକ୍ତଙ୍କ ଦଣ୍ଡାଦେଶକୁ କାଏମ ରଖାଗଲା - ଧାରା 376 ଅନୁଯାୟୀ ପାଞ୍ଚ ବର୍ଷ କାରାଦଣ୍ଡ ଏବଂ ପୀଡିତାଙ୍କୁ 2000 ଟଙ୍କା ଜୋରିମାନା ଦେବାକୁ ଆଦେଶ ପ୍ରଦାନ କରାଗଲା -ସମସ୍ତ ତିନି ଅଭିଯୁକ୍ତ ଧାରା 366 ଅନୁଯାୟୀ ପାଞ୍ଚ ବର୍ଷ କାରାଦଣ୍ଡ ଏବଂ ଧାରା 342 ଅନୁଯାୟୀ ଏକ ବର୍ଷ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ ।*

ଫୌଜଦାରୀ ଅପିଲିୟ ଅଧିକାରିତା : ଫୌଜଦାରୀ ଅପିଲ ସଂଖ୍ୟା 189/1996 ।

S.B. Crl. A. ସଂଖ୍ୟା 351/1984ରେ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟଙ୍କର 18.12.91ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀ ପାଇଁ କେ.ଏସ୍. ଭାଟି ।

ଉତ୍ତରଦାତାଙ୍କ ପାଇଁ ସୁଶୀଲ କୁମାର ଜୈନ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ଉଭୟ ପକ୍ଷର ବିଜ୍ଞ ଓକିଲଙ୍କୁ ଶୁଣିଲୁ ।

ଏହା ପ୍ରକୃତରେ କୌତୁହଳର ବିଷୟ ଯେ ମାନ୍ୟବର ନ୍ୟାୟମୂର୍ତ୍ତି ତିନି ଜଣ ଉତ୍ତରଦାତା, ଯଥା ରାମ ନାରାୟଣ, ବଜରଙ୍ଗ ଲାଲ ଏବଂ ମାଞ୍ଜା ରାମଙ୍କୁ ଭାରତୀୟ ଦଣ୍ଡ ସଂହିତା ["ଆଇପିସି", ସଂକ୍ଷେପରେ] ର ଧାରା

376, 366 ଏବଂ 342 ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିଥିବା ବେଳେ, ରାମ ନାରାୟଣଙ୍କ ସମ୍ବନ୍ଧରେ ଆଇପିସି ର ଧାରା 366 ଏବଂ 342 ଅନୁଯାୟୀ, ଉତ୍ତରଦାତା ସଂଖ୍ୟା 2 ଏବଂ 3 ସମ୍ପର୍କରେ, ସେମାନଙ୍କର ଦଣ୍ଡକୁ ପୂର୍ବରୁ ସେମାନେ ଭୋଗିସାରିଥିବା ଅବଧି ଅର୍ଥାତ୍ ଦେଢ଼ ମାସକୁ ହ୍ରାସ କରିଦେଇଥିଲେ । ଉଚ୍ଚ ନ୍ୟାୟାଳୟ ଦ୍ୱାରା ଦଣ୍ଡାଦେଶ ହ୍ରାସ ବିରୋଧରେ ଏହି ନ୍ୟାୟାଳୟ ଦ୍ୱାରା ନୋଟିସ ଜାରି କରାଯାଇଥିଲା ।

ବାସ୍ତବତା ହେଉଛି ଯେ 1983 ମସିହା ଅଗଷ୍ଟ 14 ତାରିଖରେ ଯେତେବେଳେ 15ରୁ 17 ବର୍ଷ ବୟସର ପୀଡ଼ିତା ଅନୁପ ଦେବୀ ତାଙ୍କ ମାମୁଁଙ୍କ ଘରୁ ତାଙ୍କ ପିତାମାତାଙ୍କ ଘରକୁ ଆସୁଥିଲେ, ସେତେବେଳେ ଏହି ଅଭିଯୁକ୍ତମାନେ ତାଙ୍କୁ ବିଶ୍ୱାସ କରିବାକୁ ପ୍ରଲୁବ୍ଧ କରିଥିଲେ ଯେ ସମସ୍ତ ମହିଳା ସର୍କସକୁ ଯିବା ପାଇଁ ଗାଁ ଉପକଣ୍ଠରେ ଏକାଠି ହୋଇଥିଲେ ଏବଂ ତାଙ୍କୁ ସେମାନଙ୍କ ସହିତ ଯିବାକୁ ପ୍ରବର୍ତ୍ତାଇଥିଲେ । ସେମାନଙ୍କ କଥାକୁ ସରଳ ଭାବରେ ବିଶ୍ୱାସ କରି, ସେ ସେମାନଙ୍କ ସହିତ ଉପକଣ୍ଠକୁ ଯାଇଥିଲେ କିନ୍ତୁ ସେଠାରେ କୌଣସି ମହିଳାଙ୍କୁ ପାଇ ନଥିଲେ । ତାଙ୍କୁ ଛୁରୀ ଦେଖାଇ ସିରୋହା ନାମକ ଅନ୍ୟ ଏକ ଗାଁକୁ ନିଆଯାଇଥିଲା ଏବଂ ସେଠାରୁ ଏକ ଟ୍ରକରେ ଜୟପୁର ନିଆଯାଇଥିଲା । ଜୟପୁରରେ ତାଙ୍କୁ ଅନ୍ୟାୟପୂର୍ବକ ଏକ ଘରେ ବନ୍ଦୀ କରି ରଖାଯାଇଥିଲା । ଜୟପୁରରୁ ତାଙ୍କୁ ମୁର୍ତିପୁରାକୁ ନିଆଯାଇଥିଲା ଯେଉଁଠାରେ ପ୍ରଥମ ଅଭିଯୁକ୍ତ-ଉତ୍ତରଦାତା ତାଙ୍କ ସହ ଯୌନ ସମ୍ପର୍କ ରଖିଥିଲେ । ତାଙ୍କୁ ଅନ୍ୟାୟପୂର୍ବକ ସେହି ଘରେ ବନ୍ଦୀ କରି ରଖାଯାଇଥିଲା । ସେଠାରୁ ତାଙ୍କୁ ତାଙ୍କ ଗାଁକୁ ଫେରାଇ ଅଣାଯାଇଥିଲା ଏବଂ ପ୍ରଥମ ଅଭିଯୁକ୍ତଙ୍କ ଘରେ ବନ୍ଦୀ କରି ରଖାଯାଇଥିଲା । ଏହା ଜାଣିବା ପରେ ପୀଡିତାଙ୍କ ପିତା (ପିଡବ୍ଲ୍ୟୁ 3) ପୋଲିସ ନିକଟରେ ଅଭିଯୋଗ କରିଥିଲେ ଏବଂ ପୋଲିସ ତାଙ୍କୁ ପ୍ରଥମ ଅଭିଯୁକ୍ତଙ୍କ ଘରୁ ଉଦ୍ଧାର କରିଥିଲା ।

ବିଚାର ସମୟରେ, ପାଞ୍ଚ ଜଣ ସାକ୍ଷୀ, ଯଥା, ପୀଡିତା [ପି.ଡବ୍ଲ୍ୟୁ. 1], ତାଙ୍କ ମାଆ ଏବଂ ବାପା (ପି.ଡବ୍ଲ୍ୟୁ. 2 ଏବଂ 3) ଏବଂ ପଡ଼ୋଶୀ (ପି.ଡବ୍ଲ୍ୟୁ. 4 ଏବଂ 5) ଙ୍କୁ ପରୀକ୍ଷା କରାଯାଇଥିଲା । ଦୌରା ବିଚାରପତି ପ୍ରମାଣକୁ ତର୍ଜମା କରିବା ପରେ ଏବଂ ପିଡବ୍ଲ୍ୟୁ 1, ପୀଡିତା, ତାଙ୍କ ମାଆ ଏବଂ ବାପା [ପିଡବ୍ଲ୍ୟୁ 2 ଏବଂ 3] ଏବଂ ପଡ଼ୋଶୀ [ପିଡବ୍ଲ୍ୟୁ 4 ଏବଂ 5] ଙ୍କ ପ୍ରମାଣକୁ ବିଶ୍ୱାସ କରିବା ପରେ, ଆଇପିସି ଧାରା 376, 366 ଏବଂ 342 ଅନୁଯାୟୀ ଅପରାଧ ପାଇଁ ପ୍ରଥମ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ତାଙ୍କୁ ଯଥାକ୍ରମେ ସାତ ବର୍ଷ, ପାଞ୍ଚ ବର୍ଷ ଏବଂ ଏକ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଥିଲେ ଏବଂ 200 ଟଙ୍କା ଜୋରିମାନା ମଧ୍ୟ କରିଥିଲେ । ସମାନ ଭାବରେ, ଦ୍ୱିତୀୟ ଏବଂ ତୃତୀୟ ଅଭିଯୁକ୍ତ ଆଇପିସି ଧାରା 366 ଏବଂ 342 ଅନୁଯାୟୀ ଦୋଷୀ ସାବ୍ୟସ୍ତ ହୋଇଥିଲେ ଏବଂ ଯଥାକ୍ରମେ ପାଞ୍ଚ ବର୍ଷ ଏବଂ ଏକ ବର୍ଷ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ । ସମସ୍ତ ଦଣ୍ଡାଦେଶ ଏକକାଳୀନ ଚାଲିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଅଭିଯୁକ୍ତ-ଉତ୍ତରଦାତାମାନେ ଏହି ମାମଲା ଉପରେ ଅପିଲ କରିଥିଲେ ଏବଂ ମାନ୍ୟବର ନ୍ୟାୟମୂର୍ତ୍ତି ରାୟ ଦେଇଥିଲେ ଯେ ନଥିରେ ଥିବା ପ୍ରମାଣ ଏହା ପ୍ରମାଣିତ କରିବା ପାଇଁ ଯଥେଷ୍ଟ ଥିଲା ଯେ ଅଭିଯୋଜନ ପକ୍ଷ ବିନା କୌଣସି ସନ୍ଦେହରେ ନିଜ ମାମଲାକୁ ପ୍ରତିଷ୍ଠା କରିଛି । ତେବେ, ସେ ଦଣ୍ଡାଦେଶକୁ ହ୍ରାସ କରି ଅପିଲକୁ ଅନୁମତି ଦେଇଥିଲେ । ସେ ଲକ୍ଷ୍ୟ କରିଥିଲେ ଯେ ପ୍ରଥମ ଅଭିଯୁକ୍ତଙ୍କ ବୟସ, ଯଥା, 18 ବର୍ଷ, ଏବଂ ସେ ପୂର୍ବରୁ ଭୋଗ କରିଥିବା ଦେଢ଼ ମାସର ଦଣ୍ଡ, ନ୍ୟାୟର ଲକ୍ଷ୍ୟ ପୂରଣ ପାଇଁ ଯଥେଷ୍ଟ ହେବ । ତଦନୁସାରେ, ମାନ୍ୟବର ନ୍ୟାୟମୂର୍ତ୍ତି

ରାୟ ଦେଇଥିଲେ ଯେ ଯଦି ଦଣ୍ଡାଦେଶକୁ ସେମାନଙ୍କ ଦ୍ୱାରା ଭୋଗ ହୋଇସାରିଥିବା ଅବଧିକୁ ହ୍ରାସ କରାଯାଏ, ତେବେ ନ୍ୟାୟ ଉପଯୁକ୍ତ ହେବ ।

ଉତ୍ତରଦାତାମାନଙ୍କ ଓକିଲ ଶ୍ରୀ ସୁଶୀଲ କୁମାର ଜୈନ ଯୁକ୍ତି ବାଢ଼ିଥିଲେ ଯେ ନିଜେ ପୀଡିତାଙ୍କ ପ୍ରମାଣକୁ ଦେଖି ଉଚ୍ଚ ନ୍ୟାୟାଳୟ ଦଣ୍ଡାଦେଶ ହ୍ରାସ କରିବାରେ ଯଥାର୍ଥ ଥିଲେ । ସେ ଜଣେ ସହମତ ପକ୍ଷ ଏବଂ ସ୍ୱାଧୀନ ସମର୍ଥନ ବିନା, ତାଙ୍କର ପ୍ରମାଣ ସନ୍ଦେହଜନକ ହେବ ଏବଂ ତାହା ଉପରେ ନିର୍ଭର କରାଯାଇପାରିବ ନାହିଁ । ଏହି ଅପରାଧଟି 14 ଏପ୍ରିଲ୍ 1983ରେ ଘଟିଥିଲା ଏବଂ ପୀଡିତାଙ୍କ ପିତା 13 ମଇ 1983ରେ, ଅର୍ଥାତ୍ ଘଟଣାର ଗୋଟିଏ ମାସ ପରେ ରିପୋର୍ଟ ଦାଖଲ କରିଥିଲେ । ଏହା ସମ୍ଭବ ନୁହେଁ ଯେ ଯଦି ସେ ସହମତ ପକ୍ଷ ହୋଇନଥାନ୍ତେ, ଅପହରଣ ପରେ ତୁରନ୍ତ ରିପୋର୍ଟ ଦାଖଲ କରାଯାଇଥାନ୍ତା । ପି.ଡବ୍ଲ୍ୟୁ. 3 ଝିଅକୁ ପ୍ରଥମ ଅଭିଯୁକ୍ତଙ୍କ ସହ ଗୋଟିଏ ମାସ ପାଇଁ ରହିବାକୁ ଅନୁମତି ଦେବା ଏବଂ ପିତାମାତା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା, ଏହି ଆଚରଣ ଅଭିଯୋଜନ ବିରୁଦ୍ଧରେ ଏବଂ ଉତ୍ତରଦାତାମାନଙ୍କର ଅପରାଧ କରିବାର କୌଣସି ଉଦ୍ଦେଶ୍ୟ ନଥିଲା ଏବଂ ପୀଡିତା (ପି.ଡବ୍ଲ୍ୟୁ.1) ଜଣେ ସହମତ ପକ୍ଷ ଅଟନ୍ତି ବୋଲି ସୂଚାଇବ । ଆମେ ପୀଡିତାଙ୍କ ଆଭିମୁଖ୍ୟକୁ ତର୍ଜମା କରିବାରେ ବିଫଳ ହେଉଛୁ ଯାହା ଡାକ୍ତର [ପିଡବ୍ଲ୍ୟୁ 5] ଙ୍କ ପ୍ରମାଣରୁ ପ୍ରମାଣିତ ହୁଏ ଯେ ସେ 15 ରୁ 17 ବର୍ଷ ମଧ୍ୟରେ ନାବାଳିକା ଅଟନ୍ତି । ସେ ଜଣେ ସରଳ ଗାଁ ଝିଅ । ତାଙ୍କ ପ୍ରମାଣରୁ, ଆମେ ଅନ୍ତର୍ନିହିତ ସତ୍ୟ ଏବଂ ସେ ଜଣେ ସତ୍ୟବାଦୀ ସାକ୍ଷୀ ବୋଲି ପାଇଥାଉ । ତାଙ୍କ ପ୍ରମାଣ ପାଇଁ କୌଣସି ପୁଷ୍ଟିକରଣର ଆବଶ୍ୟକତା ନାହିଁ । ପ୍ରତ୍ୟେକ ମାମଲାରେ ଅଦାଲତ ବିଚାର କରିବା ଆବଶ୍ୟକ ଯେ ଅଭିଯୋଜନ ପକ୍ଷର ପ୍ରମାଣ ସ୍ୱୀକୃତି ପାଇଁ ଆତ୍ମବିଶ୍ୱାସ ସୃଷ୍ଟି କରେ କି ନାହିଁ । ପ୍ରତ୍ୟେକ ମାମଲାକୁ ଏହାର ନିଜସ୍ୱ ସ୍ଥିତି, ତଥ୍ୟ ଏବଂ ପରିସ୍ଥିତିରେ ବିଚାର କରିବାକୁ ପଡିବ । ପ୍ରକୃତରେ, ଯଦି ସମସ୍ତ ଅଭିଯୁକ୍ତଙ୍କୁ ମିଥ୍ୟା ଭାବରେ ଫସାଇବାର ଉଦ୍ଦେଶ୍ୟ ପିଡବ୍ଲ୍ୟୁ 1 ର ଥିଲା, ତେବେ ତାଙ୍କୁ ଏହା କହିବାକୁ କୌଣସି ବାଧା ଦେଇନଥିଲା ଯେ ଦ୍ୱିତୀୟ ଏବଂ ତୃତୀୟ ଅଭିଯୁକ୍ତ ମଧ୍ୟ ତାଙ୍କ ସହିତ ସମ୍ପର୍କ ରଖିଥିଲେ । ଯେତେବେଳେ ସେ ଯୌନ ସମ୍ଭୋଗର କାର୍ଯ୍ୟକୁ କେବଳ ପ୍ରଥମ ଅଭିଯୁକ୍ତଙ୍କ ପାଇଁ ଦାୟୀ କରିଥିଲେ ଏବଂ ଅନ୍ୟ କାହାକୁ ନୁହେଁ, ସେତେବେଳେ ବିଦ୍ୱାନ ଦୌରା ବିଚାରପତି ତାଙ୍କର ସ୍ପଷ୍ଟବାଣୀରେ ବହୁତ ପ୍ରଭାବିତ ହୋଇଥିଲେ । ଯେତେବେଳେ ତାଙ୍କୁ ମହିଳାମାନଙ୍କ ସହିତ ଏକ ସର୍କସ ଯିବାକୁ ପ୍ରରୋଚିତ କରାଯାଇଥିଲା, ସେ ଗାଁ ଉପକଣ୍ଠକୁ ଆସିଥିଲେ ଏବଂ ଯେତେବେଳେ ସେ କାହାକୁ ପାଇଲେ ନାହିଁ, ସେତେବେଳେ ତାଙ୍କ ଗଳାରେ ଛୁରୀ ଦେଖାଇଥିବାରୁ ସେ ଭୟଭୀତ ହୋଇଥିଲେ ଏବଂ ଗାଁ ଉପକଣ୍ଠରୁ ତିନି ଜଣ ଅଭିଯୁକ୍ତ ତାଙ୍କୁ ବିଭିନ୍ନ ସ୍ଥାନକୁ ନେଇଯାଇଥିଲେ । ଜଣେ ସରଳ ଝିଅ ପାଇଁ ତାଙ୍କୁ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ନେଇଯାଇଥିବା ତିନି ଜଣଙ୍କୁ ପ୍ରତିରୋଧ କରିବା କଷ୍ଟକର ହେବ ଏବଂ ସେ ସେମାନଙ୍କ କବଳରୁ ଖସି ଯିବାକୁ ଚେଷ୍ଟା କରିପାରିନଥାନ୍ତେ କିମ୍ବା କାହାକୁ କୌଣସି ସୂଚନା ଦେଇପାରିନଥାନ୍ତେ । ସ୍ୱାଭାବିକ ଭାବରେ, ଏହି ପରିସ୍ଥିତିରେ ସେ ନିଜକୁ ଆଦରି ନିଜ ଭାଗ୍ୟ ଆଗରେ ହାର ମାନିଥିଲେ ଏବଂ ଗୋଟିଏ ମାସରୁ ଅଧିକ ସମୟ ପାଇଁ ସେମାନଙ୍କ ଅନ୍ୟାୟପୂର୍ବକ ହେପାଜତରେ ରହିଥିଲେ । ତାଙ୍କ ପ୍ରମାଣ ସ୍ପଷ୍ଟ ଭାବରେ ସୂଚିତ କରେ ଯେ ତାଙ୍କୁ ବେଆଇନ ଭାବରେ ବିଭିନ୍ନ ସ୍ଥାନରେ ବନ୍ଦୀ କରି ରଖାଯାଇଥିଲା । ଏପରିକି ତାଙ୍କୁ ଜନ୍ମ ସ୍ଥାନକୁ ଅଣାଯିବା ପରେ ମଧ୍ୟ ତାଙ୍କୁ ପ୍ରଥମ ଅଭିଯୁକ୍ତଙ୍କ ଘରେ ବେଆଇନ ଭାବରେ ବନ୍ଦ କରି ରଖାଯାଇଥିଲା । ଏହିପରି, ପ୍ରମାଣ ଧାରା 364, 361 ଅନୁଯାୟୀ ଅପରାଧ ଏବଂ ଧାରା 342 ଅନୁଯାୟୀ

ବେଆଇନ ଭାବରେ ବନ୍ଦୀ ରଖିଥିବାର ଦୋଷକୁ ଗୃହୀତ କରେ । ଧାରା 376 ଅନୁଯାୟୀ ଅପରାଧ ସମ୍ବନ୍ଧରେ, ତାଙ୍କର ପ୍ରମାଣ ଯଥେଷ୍ଟ । ଏହା ବ୍ୟତୀତ, ଆମେ ଡାକ୍ତରୀ ପ୍ରମାଣ ଏବଂ ପରିସ୍ଥିତିଗତ ପ୍ରମାଣରୁ ମଧ୍ୟ ପ୍ରମାଣ ପାଇଥାଉ, ଯଥା, ପ୍ରଥମ ଅଭିଯୁକ୍ତର ଅନ୍ତଃବସ୍ତ୍ର ଏବଂ ପୀଡିତାଙ୍କ ସାୟା, ପ୍ରଥମ ଅଭିଯୁକ୍ତର ପୀଡିତାଙ୍କ ସହ କରିଥିବା ଯୌନ ସମ୍ପର୍କକୁ ପ୍ରତିଷ୍ଠିତ କରେ । ପୀଡ଼ିତା ଜଣେ ନାବାଳିକା ହୋଇଥିବାରୁ ତାଙ୍କ ସମ୍ମତିର ପ୍ରଶ୍ନ ଉଠୁନାହିଁ ତେଣୁ, ଶ୍ରୀ ସୁଶୀଲ କୁମାର ଜୈନଙ୍କ ଯୁକ୍ତି ଯେ ସେ ଜଣେ ସହମତ ପକ୍ଷ ଥିଲେ ତାହା ସମ୍ପୂର୍ଣ୍ଣ ଅବିଶ୍ୱସନୀୟ ଏବଂ ଅସମର୍ଥନୀୟ । ସ୍ପଷ୍ଟ ଭାବରେ, ଏହି ପରିସ୍ଥିତିରେ, ସେ ନିଜକୁ ଏବଂ ତାଙ୍କ ଭାଗ୍ୟ ସହିତ ବୁଝାମଣା କରିଥିଲେ ଏବଂ ପ୍ରଥମ ଅଭିଯୁକ୍ତ ଯୌନ ସମ୍ପର୍କ ରଖିଥିଲେ ଏବଂ ତାଙ୍କ ବିରୋଧରେ ଆଇ.ପି.ସି. ର ଧାରା 376 ଅନୁଯାୟୀ ଅପରାଧ ପ୍ରମାଣିତ ହୋଇଛି ।

ପ୍ରଶ୍ନ ହେଉଛି: ଉଚ୍ଚ ନ୍ୟାୟାଳୟ ଦଣ୍ଡାଦେଶକୁ ପୂର୍ବରୁ ଭୋଗ ହୋଇସାରିଥିବା ଅବଧି ଅର୍ଥାତ୍ ଦେଢ଼ ମାସକୁ ହ୍ରାସ କରିବାରେ ଠିକ୍ କି? ଆମେ ଭାବୁଛୁ ଯେ ଉଚ୍ଚ ନ୍ୟାୟାଳୟ ଦଣ୍ଡାଦେଶ ହ୍ରାସ କରିବାରେ ଆଇନର ଗୁରୁତର ତ୍ରୁଟି କରିଛନ୍ତି । ତେଣୁ ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ଅଗ୍ରାହ୍ୟ କରିଦିଆଯାଇଛି । ପ୍ରଥମ ଅଭିଯୁକ୍ତର ଦଣ୍ଡାଦେଶକୁ କାଏମ ରଖାଯାଇଛି ଏବଂ ଧାରା 376 ଅନୁଯାୟୀ ତାଙ୍କୁ 5 ବର୍ଷ ପାଇଁ ସଶ୍ରମ କାରାଦଣ୍ଡ ଦିଆଯାଇଛି । ସମାନ ଭାବରେ, ତିନିଜଣ ଅଭିଯୁକ୍ତଙ୍କୁ ଧାରା 366 ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯାଇଛି ଏବଂ ଆଇପିସି ର ଧାରା 366 ଅନୁଯାୟୀ ପାଞ୍ଚ ବର୍ଷ ଏବଂ ଧାରା 342 ଅନୁଯାୟୀ ଗୋଟିଏ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡିବ । ଏହା ସହିତ, ପ୍ରଥମ ଅଭିଯୁକ୍ତକୁ 2,000 ଟଙ୍କା ଜୋରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଯଦି ଏହା ପ୍ରଦାନ କରାଯାଏ, ତେବେ ଏହା ନାବାଳିକା ପୀଡିତାଙ୍କୁ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ଖିଲାପରେ ତାଙ୍କୁ 3 ମାସ ପାଇଁ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ । ଧାରା 366 ଅନୁଯାୟୀ ଦୋଷୀ ସାବ୍ୟସ୍ତ ହେବା ସହିତ ଦ୍ୱିତୀୟ ଏବଂ ତୃତୀୟ ଉତ୍ତରଦାତା-ଅଭିଯୁକ୍ତଙ୍କୁ ପ୍ରତ୍ୟେକ 1,000 ଟଙ୍କା ଲେଖାଏଁ ଜୋରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଫଳ ହେଲେ, ସେମାନଙ୍କୁ ଏକ ମାସ ପାଇଁ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ । ସମସ୍ତ ଦଣ୍ଡାଦେଶ ଏକକାଳୀନ ଚାଲିବ । ଜୋରିମାନା, ଯଦି ପ୍ରଦାନ କରାଯାଏ, ପୀଡ଼ିତାଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ତଦନୁସାରେ ଅପିଲକୁ ଅନୁମତି ଦିଆଯାଇଛି ।

ଜି.ଏନ୍. ଅପିଲକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।